# NATIONAL NEWS BULLETIN (ODIA)

## 13 June 2026

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ଡେରାଡୁନ୍ ସ୍ଥିତ ଭାରତୀୟ ସାମରିକ ପ୍ରତିଷ୍ଠାନରେ ଆଜି ପାସିଂଆଉଟ୍ ପ୍ୟାରେଡ୍ ନିରୀକ୍ଷଣ କରିବେ ରାଷ୍ଟ୍ରପତି ।
- ଆସନ୍ତାକାଲିଠାରୁ ଦୁଇ ଦିନିଆ ସ୍ଲୋଭାକ୍ ଗଣରାଜ୍ୟ ଗସ୍ତ କରିବେ ପ୍ରଧାନମନ୍ତ୍ରୀ ।
- ଆମେରିକା ନୌସେନା ଆକ୍ରମଣରେ ତିନି ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟଣାରେ କଡ଼ା ଆପତି ପ୍ରଦର୍ଶନ କଲା ଭାରତ ।
- ନିଟ୍ ପୁନଃ ପରୀକ୍ଷା ପରିଚାଳନା ନେଇ ପ୍ରସ୍ତୁତି ସମୀକ୍ଷା କଲେ କ୍ୟାବିନେଟ୍ ସଚିବ ଡକ୍ଟର ଟି.ଭି. ସୋମନାଥନ୍ ।

ଏବଂ

- ଦେଶର ବିଭିନ୍ନ ଅଞ୍ଚଳରେ ମୌସୁମୀ ପ୍ରବେଶ ଲାଗି ପାଗ ଅନୁକୂଳ ଥିବା ପାଣିପାଗ ବିଭାଗର ଅନୁମାନ ।

# ଡେରାଡୁନ୍ ପ୍ରେସିଡେଣ୍ଟ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଡେରାଡୁନ୍ ସ୍ଥିତ ଭାରତୀୟ ସାମରିକ ପ୍ରତିଷ୍ଠାନରେ ପାସିଂଆଉଟ୍ ପ୍ୟାରେଡ୍ ନିରୀକ୍ଷଣ କରିବେ । ଏହି ପାସିଂଆଉଟ୍ ପ୍ୟାରେଡ୍ ଇତିହାସ ସୃଷ୍ଟି କରିବ, କାରଣ ପ୍ରଥମଥର ପାଇଁ ମହିଳା କ୍ୟାଡେଟ୍‌ମାନେ ପୁରୁଷଙ୍କ ସହ ମାର୍ଚ୍ଚ କରିବେ । ଏହି ସମାରୋହରେ ୫୦୦ରୁ ଅଧିକ ମହିଳା-ପୁରୁଷ ପ୍ରଶିକ୍ଷାର୍ଥୀ ଭାରତୀୟ ସେନାରେ ଅଧିକାରୀ ଭାବେ ଯୋଗଦେବେ । ସୂଚନା ଯୋଗ୍ୟ ଭାରତୀୟ ସାମରିକ ପ୍ରତିଷ୍ଠାନରେ ପାସିଂଆଉଟ୍ ପ୍ୟାରେଡ୍‌କୁ ସେନାରେ ଯୁବ ଅଧିକାରୀଙ୍କ ଉତ୍ସର୍ଗୀକୃତ କାର୍ଯ୍ୟର ପ୍ରାରମ୍ଭ ସମୟକୁ ବୁଝାଇଥାଏ ।

# ପିଏମ୍-ସ୍ଲୋଭାକ୍ ରିପବ୍ଲିକ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଦୁଇ ଦିନିଆ ସ୍ଲୋଭାକ୍ ଗଣରାଜ୍ୟ ଗସ୍ତ କରିବେ । ୧୯୯୩ ମସିହାରେ ସ୍ଲୋଭାକିଆ ସ୍ୱାଧୀନ ରାଷ୍ଟ୍ର ଭାବେ ମାନ୍ୟତା ପାଇବା ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ସ୍ଲୋଭାକିଆ ଗଣରାଜ୍ୟକୁ ପ୍ରଥମ ଗସ୍ତ ହେବ । ସେଠାରେ ଶ୍ରୀ ମୋଦୀ ସ୍ଲୋଭାକିଆର ଶୀର୍ଷ ନେତୃମଣ୍ଡଳୀଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା କରିବେ ।  ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ସ୍ଲୋଭାକିଆ ପ୍ରତିପକ୍ଷ ଫିକୋ ଏବଂ ସେଠାକାର ରାଷ୍ଟ୍ରପତି

ପେଲେଗ୍ରିନିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଉଭୟ ଦେଶ ମଧ୍ୟରେ ୨୦୨୪ରେ ଦ୍ୱିପାକ୍ଷିକ ବାଣିଜ୍ୟ ଏକବିଲିୟନ୍ ଆମେରିକୀୟ ଡଲାର୍ ଅତିକ୍ରମ କରିଥିବା ବେଳେ ଗତବର୍ଷ ଏହା ୧ ଦଶମିକ୍ ୮ ବିଲିୟନ୍ ଡଲାର୍‌କୁ ବୃଦ୍ଧି ପାଇଥିଲା ।

## ଜୟଶଙ୍କର-ୟୁଏସ୍ ସେକ୍ରେଟେରୀ

ଆମେରିକା ନୌସେନା ଆକ୍ରମଣରେ ମଧ୍ୟପ୍ରାଚ୍ୟରେ ତିନି ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟଣାରେ ଭାରତ କଡ଼ା ଆପତ୍ତି ପ୍ରଦର୍ଶନ କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ତାଙ୍କ ଆମେରିକା ପ୍ରତିପକ୍ଷ ମାର୍କୋ ରୁବିଓଙ୍କ ସହ ଭାରତର ଆଭିମୁଖ୍ୟ ନେଇ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ବାଣିଜ୍ୟିକ ଜାହାଜ ଉପରେ ଏଭଳି ଆକ୍ରମଣ କରିବା ଆଦୌ ନ୍ୟାୟ ସଂଗତ ନୁହେଁ । ଓମାନ ଉପକୂଳରେ ଆମେରିକା ନୌସେନାର ଆକ୍ରମଣରେ କାର୍ଯ୍ୟରତ ତିନି ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ଖବର ମିଳିବା ପରେ ଭାରତ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି ।

ସୂଚନା ଅନୁଯାୟୀ ଆକ୍ରମଣ କରାଯାଇଥିବା ଜାହାଜରେ ୨୪ ଜଣ ଭାରତୀୟ ସଦସ୍ୟ ଥିଲେ । ସେମାନଙ୍କ ମଧ୍ୟରୁ ୨୧ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଥିବା ନିଶ୍ଚିତ

କରାଯାଇଛି । ନୂଆଦିଲ୍ଲୀରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତଙ୍କୁ ଏ ସମ୍ପର୍କରେ ଭାରତର ଆଭିମୁଖ୍ୟ ନେଇ ସ୍ପଷ୍ଟ କରାଯାଇଛି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଲାଗି ବିଭିନ୍ନ ପକ୍ଷଙ୍କ ମଧ୍ୟରେ ଆଲୋଚନା ଓ କୂଟନୀତି ମାଧ୍ୟମରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

# ନିଟ୍ ରିଭ୍ୟୁ ମିଟିଂ

ଚଳିତ ମାସ ହେବାକୁ ଥିବା ନିଟ୍ ପୁନଃ ପରୀକ୍ଷା ନିମନ୍ତେ କ୍ୟାବିନେଟ୍ ସଚିବ ଡକ୍ଟର ଟି.ଭି. ସୋମନାଥନ ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ ଜାତୀୟ ପରୀକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶକ ଅଭିଶେକ ସିଂହ ଉପସ୍ଥିତ ଥିଲେ । ସମୀକ୍ଷା ବୈଠକରେ କ୍ୟାବିନେଟ୍ ସଚିବ ସମସ୍ତ ଅଂଶିଦାରମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସଠିକ୍ ଢଙ୍ଗରେ ପରୀକ୍ଷା ପରିଚାଳନା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଡକ୍ଟର ସୋମନାଥନ୍ କହିଛନ୍ତି, କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନଗୁଡ଼ିକ ମଧ୍ୟରେ ସୁ-ସମନ୍ୱୟ ରକ୍ଷା କରାଯାଇ ଯେଭଳି ନିଟ୍ ପୁନଃ ପରୀକ୍ଷାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରାଯାଇପାରିବ, ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ସେ କହିଛନ୍ତି, କୌଣସି ପ୍ରକାରରେ ଏହି ପରୀକ୍ଷାରେ ତ୍ରୁଟିବିଚ୍ୟୁତି ଲାଗି ଉଦ୍ୟମ କଲେ ଆଇନ୍ ଅନୁଯାୟୀ କଠୋର

ଦଣ୍ଡବିଧାନ କରାଯିବ । ଚଳିତ ମାସରେ ଡକ୍ଟର ସୋମନାଥନ ପୂର୍ବରୁ କେନ୍ଦ୍ର ସରକାର ଏବଂ ଏହି ପରୀକ୍ଷା ସହିତ ଜଡ଼ିତ ବିଭିନ୍ନ ସଂସ୍ଥାର ସଚିବମାନଙ୍କ ସହ ବୈଠକ କରିସାରିଛନ୍ତି ।

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ନିଟ୍ ପୁନଃ ପରୀକ୍ଷାରେ ପାରଦର୍ଶିତା ଅବଲମ୍ବନ ନେଇ ବିଭିନ୍ନ ସଂସ୍ଥା ମଧ୍ୟରେ ଦୃଢ଼ ସହଯୋଗ, ପ୍ରସ୍ତୁତି ଓ ପରିଚାଳନା ଉପରେ ଧ୍ୟାନ ଦିଆଯାଉଛି । ଚଳିତ ମାସ ୨୧ ତାରିଖରେ ନିଟ୍-ୟୁଜି ପୁନଃ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ।

## ବୈଷ୍ଣବ-ରେଲୱେ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ସହ ରେଳବାଇ ଚୟନ ବୋର୍ଡ଼ର ଚୟନ ପ୍ରକ୍ରିୟା ନେଇ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । ବୈଠକରେ ଶ୍ରୀ ବୈଷ୍ଣବ ପରୀକ୍ଷାରେ ସ୍ୱଚ୍ଛ, ସଠିକ୍ ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ ପରୀକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀ ବୈଷ୍ଣବ ବିଭାଗୀୟ ପରୀକ୍ଷାଗୁଡ଼ିକୁ କମ୍ପ୍ୟୁଟର ଆଧାରିତ କରିବା ଏବଂ ଆଗାମୀ ଦିନରେ ପରୀକ୍ଷା ପ୍ରକ୍ରିୟାକୁ ପ୍ରଭାବଶାଳୀ ଢଙ୍ଗରେ କରିବା ଲାଗି ଅଧିକରୁ ଅଧିକ ପରୀକ୍ଷାକୁ କମ୍ପ୍ୟୁଟର ଆଧାରିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ବୈଠକ କାଳରେ ଶ୍ରୀ ବୈଷ୍ଣବ ବାର୍ଷିକ ଚୟନ କ୍ୟାଲେଣ୍ଡର ଏବଂ ଖାଲି ପଡୁଥିବା ପଦବୀ ସଂଖ୍ୟା ନେଇ ତ୍ରୈମାସିକ ବିଜ୍ଞପ୍ତିରୁ ଛାତ୍ରଛାତ୍ରୀମାନେ ସହଜରେ ସୂଚନା ପାଇପାରୁଛନ୍ତି ବୋଲି ପ୍ରକାଶ କରିଛନ୍ତି । ଏ କ୍ଷେତ୍ରରେ କ୍ରମାଗତ ଭାବେ ବିକାଶ ପ୍ରକ୍ରିୟାକୁ ଗ୍ରହଣ କରିବା ଉଦ୍ଦେଶ୍ୟରେ ଶ୍ରୀ ବୈଷ୍ଣବ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି । ବିଶେଷ କରି ଛାତ୍ରଛାତ୍ରୀ ଏବଂ ପରୀକ୍ଷାରେ ସମ୍ପୃକ୍ତ ଅଂଶିଦାରମାନଙ୍କ ସହ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବାକୁ ରେଳମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ସେ କହିଛନ୍ତି, ମିଥ୍ୟା ସୂଚନାକୁ ପ୍ରତିହତ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । ସେ କହିଛନ୍ତି, ୨୦୨୪-୨୬ ଆର୍ଥିକ ବର୍ଷରେ ୪୭ ହଜାରରୁ ଅଧିକ ପଦବୀ ଫାଙ୍କାଥିବା ବେଳେ ସେହି ସମୟ ମଧ୍ୟରେ ୪୩ ହଜାରରୁ ଅଧିକ ଛାତ୍ରଛାତ୍ରୀ ଭାରତୀୟ ରେଳବାଇରେ ନିଯୁକ୍ତି ପାଇଛନ୍ତି ।

## ରାଜନାଥ-ଓ୍ୱିପନ୍ ସିଷ୍ଟମ୍

ଅପରେସନ୍ ସିନ୍ଦୂର ସମୟରେ ଭାରତର ସ୍ୱଦେଶୀ କ୍ଷେପଣାସ୍ତ୍ର ବ୍ୟବସ୍ଥାର ଅଭୁତପୂର୍ବ ପ୍ରଦର୍ଶନୀ ଦେଶର ପ୍ରତିରକ୍ଷା ଗବେଷଣା ଓ ବିକାଶ ଇକୋସିଷ୍ଟମ୍‌ର ଦୃଢ଼ତାକୁ ପ୍ରମାଣିତ କରୁଛି । ଗତକାଲି ହାଇଦ୍ରାବାଦ୍‌ରେ

ଡକ୍ଟର ଏ.ପି.ଜେ. ଅବଦୁଲ କାଲାମ କ୍ଷେପଣାସ୍ତ୍ର କୋଠାରେ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ – ଡି.ଆର୍.ଡି.ଓ. ଏବଂ ପ୍ରତିରକ୍ଷା ଗବେଷଣା ଓ ବିକାଶ ପରୀକ୍ଷାଗାର – ଡି.ଆର୍.ଡି.ଏଲ୍.ର ସହଯୋଗରେ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ବ୍ୟବସ୍ଥା ସମ୍ପନ୍ନ କୋଠାକୁ ଉଦ୍‌ଘାଟନ କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଡି.ଆର୍.ଡି.ଓ. ଦ୍ୱାରା ବିକଶିତ ଆକାଶ ଏବଂ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ବିଶ୍ୱ ପ୍ରତିରକ୍ଷା ପ୍ରଯୁକ୍ତି ବିଦ୍ୟା ଇକୋ ସିଷ୍ଟମ୍‌ରେ ପ୍ରତିଯୋଗିତା ଲାଗି ଭାରତର ସାମର୍ଥ୍ୟ ରହିଛି । ଶ୍ରୀ ସିଂହ ଏହି ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବା ଲାଗି ଶାନ୍ତି ଓ ଆତ୍ମନିର୍ଭରଶୀଳତା ଅତ୍ୟନ୍ତ ଜରୁରୀ ବୋଲି କହିଛନ୍ତି । ଅପରେସନ୍ ସିନ୍ଦୂର ସମୟରେ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଭାରତୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଅତ୍ୟନ୍ତ ଦକ୍ଷ ଭାବେ ପ୍ରଦର୍ଶନ ପୂର୍ବକ ଶତ୍ରୁ ପକ୍ଷର ସଫଳ ମୁକାବିଲା କରିଥିଲା ।

## ଗଭ୍ ୧୨ ଇୟର୍ସ୍ ଫରେନ୍ ପଲିସି

ଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ' ମନ୍ତ୍ରକୁ ଆଧାର କରି ଭାରତରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଗରିବ, କୃଷକ, ମହିଳା ଓ ଯୁବବର୍ଗଙ୍କ କଲ୍ୟାଣ ଏବଂ

ସଶକ୍ତୀକରଣ ପାଇଁ ସରକାର ଅନେକ ଜନକଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣର ୧୨ ବର୍ଷ ଶୀର୍ଷକ ଏହି ଧାରାବାହିକରେ ଆଜି ଆସନ୍ତୁ ଜାଣିବା – ଦେଶର ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ଯୋଜନା ଓ ପଦକ୍ଷେପ ସମ୍ପର୍କରେ ।

ଗତ ୧୨ ବର୍ଷ ମଧ୍ୟରେ ଭାରତର ସାଂସ୍କୃତିକ ଯାତ୍ରା ସାରା ବିଶ୍ୱରେ ଦେଶର ପାରମ୍ପରିକ ଐତିହ୍ୟକୁ ଅଧିକ ଲୋକପ୍ରିୟ କରିଛି । ବିଭିନ୍ନ ପଦକ୍ଷେପ ଜରିଆରେ ସରକାର ଉଭୟ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ଦେଶର ଜନସାଧାରଣଙ୍କ ମଧ୍ୟରେ ସାଂସ୍କୃତିକ ଐତିହ୍ୟକୁ ନେଇ ଗର୍ବ ଅନୁଭବ କରିବା ପାଇଁ ସୁଯୋଗ ଉନ୍ମୁକ୍ତ କରିଛନ୍ତି । କାଶୀ ବିଶ୍ୱନାଥ କରିଡ଼ର, ମହାକାଳ ଲୋକପ୍ରକଳ୍ପ, ମା’ କାମାକ୍ଷା ମନ୍ଦିରର ପୁନଃ ବିକାଶ, ଜୁନା ସୋମନାଥ ମନ୍ଦିରର ପୁନଃ ନିର୍ମାଣ ଓ ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ବେଳେ ବହୁବିଧ ପଦକ୍ଷେପ ଜରିଆରେ ମୋଦୀ ସରକାର ଦେଶରେ ଏକ ସାଂସ୍କୃତିକ ପରିବେଶ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି ।  ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟରେ ମ୍ୟୁଜିୟମ୍ ଅନୁଦାନ ଯୋଜନା ଏବଂ ସାଂସ୍କୃତିକ ପ୍ରଦର୍ଶନ ସହାୟତା ଭଳି ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏହି ଯୋଜନାଗୁଡ଼ିକ ଦେଶର ସଭ୍ୟତାଗତ ଐତିହ୍ୟକୁ ସୁରକ୍ଷିତ ଭାବେ ସଂରକ୍ଷଣ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ସଂଗ୍ରହାଳୟ ଅନୁଦାନ ଯୋଜନାରେ ଦେଶର ସାଂସ୍କୃତିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୨୧ଟି ନୂଆ ସଂଗ୍ରହାଳୟ ଖୋଲାଯିବା ସହ

ପୂର୍ବରୁ ଥିବା ୨୩ଟି ସଂଗ୍ରହାଳୟର ନବୀକରଣ କରାଯାଇଛି । ଏହି ଯୋଜନା ବିଶେଷ ଭାବେ ନାଗାଲାଣ୍ଡକୁ ସହାୟକ ହୋଇଛି ।

ଦେଶରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକଳାପକୁ ଆହୁରି ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ସରକାରୀ ଯୋଜନାଗୁଡ଼ିକ ସହାୟକ ସାବ୍ୟସ୍ତ ହୋଇଛି । ଦେଶର ସର୍ବପୁରାତନ ପ୍ରୋସେନିୟମ ଥିଏଟର ଭାବେ ପରିଚିତ ମଣିପୁର ଡ୍ରାମାଟିକ୍ ୟୁନିୟନ୍‌କୁ ନୂଆ ଥିଏଟର ପ୍ରଦର୍ଶନୀ ଲାଗି ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ।

ସରକାର ବିଭିନ୍ନ ସାଂସ୍କୃତିକ ଯୋଜନା ମାଧ୍ୟମରେ ପୁରାତନ ମନ୍ଦିର ଓ ପବିତ୍ର ସ୍ଥଳୀଗୁଡ଼ିକର ପୁନଃ ସ୍ଥାପନ କରିବା ସହ ଯେଭଳି ଲୋକମାନେ ସହଜ ଓ ସୁବିଧାରେ ସେହି ସ୍ଥଳୀଗୁଡ଼ିକ ପରିଦର୍ଶନ କରିପାରିବେ ସେଥିଲାଗି ପଦକ୍ଷେପ ଗ୍ରହଣ କରୁଛନ୍ତି ।

## ଆଇଏମ୍‌ଡି-ଓ୍ୱେଦର୍

ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ସ୍ପର୍ଶ କରିଛି । ଦେଶର ବିଭିନ୍ନ ଅଞ୍ଚଳରେ ମୌସୁମୀ ପ୍ରବେଶ ଲାଗି ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି । ଅନ୍ୟ ପକ୍ଷରେ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ଓଡ଼ିଶା ସମେତ ଅରୁଣାଚଳ ପ୍ରଦେଶ, ବିହାର, କେରଳମ୍, ମାହେ ପ୍ରଭୃତି

ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

## କ୍ରିକେଟ୍-ଓ୍ୱାର୍ଲ୍ଡକପ୍

ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ଦଶମ ସଂସ୍କରଣର ପ୍ରଥମ ମ୍ୟାଚ୍‌ରେ ଏଜ୍‌ବାଷ୍ଟନ୍‌ରେ ଆୟୋଜକ ଇଂଲଣ୍ଡ ୮୭ରନ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ମହିଳା ଦଳ ନିର୍ଦ୍ଧାରିତ ୨୦ ଓଭରରେ ଗୋଟିଏ ଓ୍ୱିକେଟ୍ ହରାଇ ୨୧୯ରନ୍ ସ୍କୋର କରିଥିଲା । ଜବାବରେ ଶ୍ରୀଲଙ୍କା ସମାନ ସଂଖ୍ୟକ ଓଭରରେ ସମସ୍ତ ଓ୍ୱିକେଟ୍ ହରାଇ ୧୩୨ରନ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲା । ପ୍ରାୟ ଏକ ମାସ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ମ୍ୟାଚ୍ ଗୁଡ଼ିକ ଇଂଲଣ୍ଡ ଏବଂ ଓ୍ୱେଲ୍ସର ବିଭିନ୍ନ ସ୍ଥାନରେ ଖେଳାଯିବ । ଆସନ୍ତା ମାସ ୫ ତାରିଖରେ ଲର୍ଡସ୍ କ୍ରିକେଟ୍ ପଡ଼ିଆରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଆସନ୍ତାକାଲି ଭାରତ ତାର ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଅଭିଯାନ ଆରମ୍ଭ କରିବ । ପ୍ରଥମଥର ପାଇଁ ଏହି ପ୍ରତିଯୋଗିତାରେ ୧୨ଟି ଟିମ୍ ୭ଟି ସ୍ଥାନରେ ୩୩ଟି ମ୍ୟାଚ୍ ଖେଳିବାକୁ ଯାଉଛନ୍ତି ।